**OFFICE OF THE CHIEF DISTRICT VETERINARY OFFICER, SUNDARGARH**
**AT/PO- RANGADHIPA, DIST. SUNDARGARH PIN-770002**
**E-mail id- odisun-nadrs@nic.in PHONE-06622-275094**

No 1282 / CDVO(S) Dt. 22.7.2019

To

The District Information Officer,
Sundargarh

Sub: Request for uploading of advertisement for engagement of Livestock Assistant (17 nos) in MVUs of Sundargarh district in the district portal of Sundargarh.

Sir,

Enclosed please find herewith the advertisement on behalf of the undersigned in connection to selection of Livestock Assistant in MVU (17 nos) in Sundargarh district in the ARD sector.

You are therefore requested to upload the draft copy of the advertisement in the district portal (NIC website) of Sundargarh district and obliged.

Yours faithfully

Encl: Draft of advertisement.

[signature] 22/7/2019

Chief District Veterinary Officer,
Sundargarh.

ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ

[ବିଜ୍ଞାପନ]

ପତ୍ର ସଂଖ୍ୟା........୧୨୮୪........ ତାରିଖ ....୨୨.୭.୨୦୧୯....

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ସୁନ୍ଦରଗଡଙ୍କ ଅଧିନରେ ୧୭ ଗୋଟି ବ୍ଲକସ୍ତରୀୟ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ୟୁନିଟ୍ (Mobile Veterinary Unit)ପାଇଁ ୧୭ଟି ପ୍ରାଣୀ ଚିକିତ୍ସା ସହାୟକ (Livestock Assistant)ପଦବୀ ଚୁକ୍ତି ଭିତିକ ପଦ୍ଧତିରେ ପୂରଣ କରିବା ପାଇଁ ରାଜ୍ୟ ସରକାର ନିଷ୍ପତି ଗ୍ରହଣ କରିଛନ୍ତି । ତଦନୁଯାୟୀ ଅବସର ଗ୍ରହଣ କରିଥିବା ପ୍ରାଣୀଧନ ନିରୀକ୍ଷକ (Livestock Inspector)/ପ୍ରାଣୀ ଚିକିତ୍ସା ସହାୟକ ବିଶେଷଜ୍ଞ (Veterinary Technician) ଇତ୍ୟାଦିଙ୍କୁ ଯୋଗ୍ୟତା ଭିତିରେ ଉପୋରକ୍ତ ପଦବୀରେ ନିଯୁକ୍ତ କରାଯିବ ।

ଇଚ୍ଛୁକ ଏବଂ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥିନୀ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ସୁନ୍ଦରଗଡ (Chief District Veterinary Officer, Sundargarh) ଙ୍କୁ ନିର୍ଦ୍ଧାରିତ ନିମ୍ନ ପ୍ରଦତ ଦରଖାସ୍ତ ଫର୍ମରେ ଓ ନିର୍ଦ୍ଧିଷ୍ଟ ସମୟ ସୀମା ମଧରେ ଆବେଦନ କରିବେ ।

ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ୟୁନିଟ୍ (Mobile Veterinary Unit)ରେ ଚୁକ୍ତି ଭିତିକ ପ୍ରାଣୀ ସହାୟକ (Livestock Assistant)ପଦବୀ ନିଯୁକ୍ତି ସମ୍ବନ୍ଧରେ ଆବଶ୍ୟକୀୟ ସର୍ତାବଳୀ ନିମ୍ନରେ ପ୍ରଦାନ କରାଗଲା ।

୧. ଆବଶ୍ୟକୀୟ ଯୋଗ୍ୟତା-

କ. ପ୍ରାର୍ଥୀ/ପ୍ରାର୍ଥିନୀ ଓଡିଶା ସରକାରଙ୍କ ଦ୍ୱାରା ପ୍ରାଣୀ ସମ୍ପଦ ବିକାଶ ବିଭାଗ ଅଧିନସ୍ତ ପ୍ରାଣୀ ଚିକିତ୍ସା ସହାୟକ କେନ୍ଦ୍ର କିମ୍ବା ପ୍ରାଣୀ ଚିକିତ୍ସାଳୟରେ ପ୍ରାଣୀଧନ ନିରୀକ୍ଷକ (Livestock Inspector)/ ପ୍ରାଣୀ ଚିକିତ୍ସା ସହାୟକ ବିଶେଷଜ୍ଞ (Veterinary Technician) ଇତ୍ୟାଦି ପଦବୀରେ କାର୍ଯ୍ୟ କରିଥିବା ଆବଶ୍ୟକ ।

ଖ. ପ୍ରାର୍ଥୀ /ପ୍ରାର୍ଥିନୀ ଉତମ ଚରିତ୍ରର ହୋଇଥିବେ ।

ଗ. ବିବାହିତ ପ୍ରାର୍ଥୀ /ପ୍ରାର୍ଥିନୀଙ୍କର ଗୋଟିଏ ସ୍ତ୍ରୀ / ସ୍ୱାମୀରୁ ଅଧିକ ନ ଥିବେ ।

୨. **ବୟସ ସୀମା-**

ଅବସର ପ୍ରାପ୍ତ ପ୍ରାର୍ଥୀ /ପ୍ରାର୍ଥିନୀଙ୍କ ବୟସ ୬୫ ବର୍ଷ ରୁ ଅଧିକ ହୋଇ ନ ଥିବା ଆବଶ୍ୟକ ।

୩. **ଶାରୀରିକ ଯୋଗ୍ୟତା-**

ପ୍ରାର୍ଥୀ /ପ୍ରାର୍ଥିନୀ ଶାରୀରିକ ଭାବେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ (Physically fit) ହୋଇଥିବେ ଏବଂ ତାଙ୍କର ଉତମ ସ୍ୱାସ୍ଥ୍ୟ, (Sound Health Good Physique).ଚଳ ଚଂଚଳ ଅଭ୍ୟାସ (Active Habit) ଥାଇ କୌଣସି ଶାରିରୀକ ତୃଟି (Physical Defect) କିମ୍ବା ମାନସିକ ଅକ୍ଷମତା(Mental Infirmity) ନ ଥିବା ଆବଶ୍ୟକ ।

୪. **ଦରଖାସ୍ତ ପ୍ରକ୍ରିୟା-**

ପ୍ରାର୍ଥୀ/ପ୍ରାର୍ଥିନୀ ନିମ୍ନ ନିର୍ଦ୍ଧାରିତ ଫର୍ମ ଅନୁଯାୟୀ ଆବେଦନ ପତ୍ର ଏବଂ ଆବଶ୍ୟକ ପ୍ରମାଣ ପତ୍ରର ଅବିକଳ ନକଲର ନିଜସ୍ୱ ସ୍ୱାକ୍ଷର (self attested copy) ଥାଇ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ସୁନ୍ଦରଗଡ(Chief District Veterinary Officer, Sundargarh, At/Post. Rangadhipa, Dist. Sundargarh, PIN-770002)ଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ । **ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ – *ତା ୩୦.୦୭.୨୦୧୯ ଅପରାହ୍ଣ ୫ ଘଟିକା*** । ଉକ୍ତ ସମୟ ସୀମା ପରେ ପହଂଚିଥିବା ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ । ଆବଶ୍ୟକୀୟ ପ୍ରମାଣ ପତ୍ରର ଅବିକଳ ନକଲର ନିଜସ୍ୱ ସ୍ୱାକ୍ଷର (self attested copy) ଦ୍ୱାରା ସତ୍ୟାପିତ ହୋଇ ନ ଥିବା ଦରଖାସ୍ତ ଗୁଡିକ ନାକଚ ହୋଇଯିବ । ପ୍ରାର୍ଥୀ / ପ୍ରାର୍ଥିନୀ ବ୍ୟକ୍ତିଗତ ଭାବେ କିମ୍ବା ରେଜେଷ୍ଟ୍ରି ଡାକ କିମ୍ବା ସ୍ପିଡ୍ ପୋଷ୍ଟ ମାଧମରେ ଦରଖାସ୍ତ ଆବେଦନ କରିପାରିବେ । ପ୍ରାର୍ଥୀ/ପ୍ରାର୍ଥିନୀ ଡାକ ଦ୍ୱାରା ପଠାଇଥିବା ଦରଖାସ୍ତ ବିଳମ୍ବରେ ପହଂଚିଲେ କର୍ତୃପକ୍ଷ ଦାୟୀ ରହିବେ ନାହିଁ । ଦରଖାସ୍ତ ପଠାଇବା ଲଫାପା ଉପରେ "***ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ୟୁନିଟ୍ (Mobile Veterinary Unit)ରେ ଚୁକ୍ତି ଭିତିକ ପ୍ରାଣୀ ସହାୟକ (Livestock Assistant)***" ପଦ ପାଇଁ ଦରଖାସ୍ତ ଉଲ୍ଲେଖ କରିବା ଆବଶ୍ୟକ । ପ୍ରକାଶ ଥାଉ କି, ଯେ କୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ବାତିଲ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କ ସଂରକ୍ଷିତ ରହିଅଛି ।

ବି.ଦ୍ର. ***୧. ବ୍ଲକ୍ ସ୍ତରରେ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ୟୁନିଟ୍ (Mobile Veterinary Unit) କାର୍ଯ୍ୟକ୍ଷମ ହେବା ପରେ ଚୟନ କରାଯାଇଥିବା ପ୍ରାର୍ଥୀ / ପ୍ରାର୍ଥିନୀଙ୍କୁ ନିଯୁକ୍ତ କରାଯିବ ।***

***୨. ନିର୍ଦ୍ଧାରିତ ପଦବୀ ସଂଖ୍ୟା ଠାରୁ ଅଧିକ ଯୋଗ୍ୟ ଆବେଦନକାରୀ ଉପଲବ୍ଧ ହେଲେ ସାକ୍ଷାତକାର ଭିତିରେ ପ୍ରାର୍ଥୀ / ପ୍ରାର୍ଥିନୀ ଙ୍କୁ ଚୟନ କରାଯିବ ।***

***୩. ଏହି ନିଯୁକ୍ତି ପାଇଁ ଜିଲ୍ଲା ସ୍ତରୀୟ ଜାତିଗତ ସଂରକ୍ଷଣ ନିୟମ କାର୍ଯ୍ୟ କରିବ ନାହିଁ ।***

ସ୍ୱା- ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ସୁନ୍ଦରଗଡ

## ଦରଖାସ୍ତ ଫର୍ମ କେବଳ ଆବେଦନକାରୀଙ୍କ ଦ୍ୱାରା ପୂରଣ କରାଯିବ ।

ଫଟୋ

୧. ପ୍ରାର୍ଥୀ / ପ୍ରାର୍ଥିନୀଙ୍କ ନାମ -

୨. ପିତା / ସ୍ୱାମୀଙ୍କ ନାମ -

୩. ସ୍ଥାୟୀ ଠିକଣା -

୪. ଯୋଗାଯୋଗ ଠିକଣା (ମୋବାଇଲ ନମ୍ବର ସହିତ-

୫. ଜାତୀୟତା -

୬. ଜନ୍ମ ତାରିଖ -

୭. ଇୟସ -

୮. ଶିକ୍ଷାଗତ ଯୋଗ୍ୟତା -

୯. ଜାତି (ST/SC/SEBC/ UR) -

୧୦. ଅବିବାହିତ / ବିବାହିତ -

୧୧. ପୁରୁଷ / ମହିଳା -

୧୨. ଅବସର ଗ୍ରହଣ କରିଥିବା ପଦବୀର ନାମ -

୧୩. ଅବସର ଗ୍ରହଣ କରିଥିବା ତାରିଖ -

୧୪. ଅବସର ଗ୍ରହଣ କରିଥିବା ସ୍ଥାନର ନାମ (ପ୍ରାଣୀଧନ ସହାୟକ କେନ୍ଦ୍ର, ବ୍ଲକର ନାମ)

ମୁଁ ଏତଦ୍ୱାରା ଘୋଷଣା କରୁଅଛି ଯେ ମୋ ଦ୍ୱାରା ଦିଆ ଯାଇଥିବା ଉପରଲିଖିତ ସମସ୍ତ ତଥ୍ୟ ସତ୍ୟ ଓ ନିର୍ଭୁଲ ଅଟେ ।

ତାରିଖ

ଆବେଦନ କାରୀଙ୍କ ସାକ୍ଷର

ଆବେଦନ ପତ୍ର ସହ ଦାଖଲ କରିବାକୁ ଥିବା ପ୍ରମାଣ ପତ୍ର-

୧. ନିଜ ଦ୍ୱାରା ସତ୍ୟାପିତ (attested)ହୋଇଥିବା ଦୁଇଗୋଟି ପାସପୋର୍ଟ ସାଇଜ ଫଟୋ । ତନ୍ମଧ୍ୟରୁ ଗୋଟିଏ ଫଟୋ ଦରଖାସ୍ତ ଫର୍ମ ଉପରେ ଦିଆଯାଇଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଅଠାଦେଇ ସଂଲଗ୍ନ କରାଯିବା ଆବଶ୍ୟକ । ଅନ୍ୟଟି ଦରଖାସ୍ତ ସହିତ ସଂଯୋଗ କରିବାକୁ ହେବ ।

୨. ଅବସର ଗ୍ରହଣ କରିଥିବା ପତ୍ର(Superannuation letter)ର ନକଲ ।

୩. ସ୍ୱାସ୍ଥ୍ୟ ଅଧିକାରୀଙ୍କ ପ୍ରଦତ ଶାରିରୀକ ଭାବେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ(physical fitness)ପ୍ରମାଣ ପତ୍ର ।

୪. ଚରିତ୍ର ପ୍ରମାଣ ପତ୍ର (ଶେଷ କାର୍ଯ୍ୟସ୍ଥଳୀର ଗେଜେଟେଡ୍ ଅଫିସର)ଙ୍କ ଠାରୁ ଯିଏ କି ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ସଂପର୍କୀୟ ହୋଇ ନ ଥିବେ ।

ସ୍ୱା/- ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ସୁନ୍ଦରଗଡ